# ଜିଲ୍ଲା ସଙ୍କଟ ଗୋଷ୍ଠୀ ପରିଚାଳନା ବୈଠକ ।

ଶିଳ୍ପ ସଂସ୍ଥା ଏବଂ ଏହାର ପାରିପାର୍ଶ୍ୱିକ ଜନସାଧାରଣଙ୍କର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଜିଲ୍ଲା ସଙ୍କଟ ଗୋଷ୍ଠୀର ପରିଚାଳନା ବୈଠକ ଗତକାଲି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ସଂସ୍ଥାଗୁଡିକ ଶିଳ୍ପରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥକୁ ଗଚ୍ଛିତ ରଖିବା ସହ ଆପାତକାଳିନ ପରିଚାଳନା ଯୋଜନା ମୁତାବକ କରିବା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା । ଶିଳ୍ପାନୁଷ୍ଠାନ ଗୁଡିକର ପାରିପାର୍ଶ୍ୱିକ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି "ଶୂନ୍ୟ ଦୁର୍ଘଟଣା ଓ ଶୂନ୍ୟ ଜୀବନହାନୀ" ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ଶିଳ୍ପସଂସ୍ଥାର ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଏହି ବୈଠକରେ ଯୋଗଦେଇ ଶିଳ୍ପସଂସ୍ଥାର ପାରିପାର୍ଶ୍ୱିକ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ମକ୍ ଡ୍ରିଲ ତଥା ବିଭିନ୍ନ ସଚେତନତା ବାର୍ତ୍ତା ମାଧ୍ୟମରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ନିଜ ନିଜ ସଂସ୍ଥା ଦ୍ୱାରା ନିଆଯାଉଥିବା ନିରାପତ୍ତାର ବିଭିନ୍ନ ଉପାୟ ଓ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ସାମନ୍ତରାୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନାର ଡିପିଓ ଶ୍ରୀ ପ୍ରଦୋଷ କୁମାର ଶତପଥିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥାଗୁଡିକର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

